- ରୋଇବା ସମୟରେ ତଳିର ଅଗ୍ରଭାଗକୁ ଛିଡାନ୍ତୁ ନାହିଁ । କାରଣ ପତ୍ରର ସେହି କ୍ଷତ ଅଂଶ ଦେଇ ବୀଜାଣୁ ଗଛ ଭିତରେ ପ୍ରବେଶ କରି ଶୀଘ୍ର ରୋଗ ସୃଷ୍ଟି କରେ।
- ଧାନ ବିଲରେ ଅଧିକ ଠିଆ ପାଣି ରଖନ୍ତୁ ନାହିଁ । ମୂଳଠାରୁ ୨-୩ ସେ.ମି. ଉଚ୍ଚତା ପର୍ଯ୍ୟନ୍ତ ପାଣି ରଖନ୍ତୁ।
- ଗୋଟିଏ ବିଲରୁ ଅନ୍ୟ ଏକ ବିଲକୁ ପାଣି ମଡାନ୍ତୁ ନାହିଁ।
- ଛାଇତଳେ ଫସଲ ଲଗାନ୍ତୁ ନାହିଁ।
- ଅତ୍ୟଧିକ ଯବକ୍ଷାରଜାନ ସାର ପ୍ରୟୋଗ ନ କରି ଅନୁମୋଦିତ ମାତ୍ରାରେ ତିନିଭାଗରେ ମୂଳସାର, ପିଲସାର ଏବଂ ଥୋଡ଼ସାର ଭାବରେ ପୋଟାସିୟମ୍ ସହିତ ପ୍ରୟୋଗ କରନ୍ତୁ।
- ରାସାୟନିକ ନିୟନ୍ତ୍ରଣ : ରୋଗର ଲକ୍ଷଣ ଦେଖାଦେଲେ ଏବଂ ତାହା ଆର୍ଥିକ ପ୍ରଭାବ ସୀମାରେ ପହଞ୍ଚିଲେ, ୧୦ ଲିଟର ପାଣିରେ ୧୦ ଗ୍ରାମ ପ୍ଲାଣ୍ଟୋମାଇସିନ୍ ଏବଂ ୨୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ କିମ୍ବା ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଏବଂ ୨୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ ମିଶାଇ ସିଞ୍ଚନ କରନ୍ତୁ। ରୋଗର ପ୍ରକୋପ ଦେଖି ଏକ ସପ୍ତାହ ଅନ୍ତରରେ ୨-୩ ଥର ସିଞ୍ଚନ କରିବା ଏକାନ୍ତ ଆବଶ୍ୟକ ଏବଂ ସିଞ୍ଚନର ପରିମାଣ ହେକ୍ଟର ପ୍ରତି ୫୦୦ ଲିଟର ହେବା ଆବଶ୍ୟକ।
- ଗୋବର ପାଣି ସିଞ୍ଚନ-୫ ଲିଟର ପାଣିରେ ୧ କି.ଗ୍ରା. ସଦ୍ୟ ଗାଈ ଗୋବରକୁ ଭଲଭାବରେ ଗୋଳାଇ ଏବଂ ଛାଣି ସିଞ୍ଚନ କଲେ ପତ୍ରପୋଡା ରୋଗ ନିୟନ୍ତ୍ରଣ ହୋଇପାରିବ ମାତ୍ର ସିଞ୍ଚନ ପରିମାଣ ଏବଂ ବ୍ୟବଧାନ ପୂର୍ବପରି ହେବା ଦରକାର।



ପତ୍ରପୋଡ଼ା ରୋଗରେ ଆକ୍ରାନ୍ତ



ପ୍ଲାଣ୍ଟୋମାଇସିନ୍ ଦ୍ୱାରା ପତ୍ରପୋଡ଼ା ରୋଗ ନିୟନ୍ତ୍ରଣ

## ଧାନର ପତ୍ରପୋଡ଼ା ରୋଗ ଏବଂ ଏହାର ନିୟନ୍ତ୍ରଣ

**ସି.ଆର୍.ଆର୍.ଆଇ ବୈଷୟିକ ଇସ୍ତାହାର-୮୩**

ପ୍ରକାଶକ : ଡକ୍ଟର ତ୍ରିଲୋଚନ ମହାପାତ୍ର, ନିର୍ଦ୍ଦେଶକ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ
© ସମସ୍ତ ସତ୍ତ୍ୱ ସଂରକ୍ଷିତ - କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ, ଓଡ଼ିଶା, ଅପ୍ରେଲ-୨୦୧୨
ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ : ଡକ୍ଟର ବିଶ୍ୱନାଥ ଷଡଙ୍ଗୀ ଓ ସନ୍ଧ୍ୟାରାଣୀ ଦଲାଲ୍
ଫଟୋ : ପ୍ରକାଶ କର, ଭଗବାନ ବେହେରା ଓ ଦିପ୍ତି ରଞ୍ଜନ ସାହୁ
ମୁଦ୍ରଣ : ପ୍ରିଣ୍ଟଟେକ୍ ଅଫସେଟ୍ ପ୍ରା.ଲିଃ., ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୨୪

# ଧାନର ପତ୍ରପୋଡ଼ା ରୋଗ ଏବଂ ଏହାର ନିୟନ୍ତ୍ରଣ

ଡ଼ଃ କ୍ଷେତ୍ରମୋହନ ଦାସ



ଧାନର ପତ୍ରପୋଡା ରୋଗ ଭାରତରେ ପ୍ରଥମେ ୧୯୫୯ ମସିହାରେ ବମ୍ବେରେ ଦେଖାଯାଇଥିଲା । ବର୍ତ୍ତମାନ ଏହା ପ୍ରତ୍ୟେକ ଧାନ କ୍ଷେତରେ ପ୍ରାୟ ପରିଲକ୍ଷିତ ହେଉଛି । ରୋଗର ଆକ୍ରମଣର ସମୟ ଏବଂ ଗଭୀରତା ଉପରେ କ୍ଷତିର ପରିମାଣ ଶତକଡ଼ା ୬ ରୁ ୬୦ ପର୍ଯ୍ୟନ୍ତ ହୋଇଥାଏ । ଯଦି ଧାନ ରୋପଣର ଅଳ୍ପ ଦିନ ମଧ୍ୟରେ ବୀଜାଣୁ ଆକ୍ରମଣ କରେ, ଗଛ ଝାଉଁଳି ଯାଇ ମରିଯାଏ ତେବେ ତାକୁ 'କ୍ରେସେକ୍' ଅବସ୍ଥା କୁହାଯାଏ ଏବଂ ତାଦ୍ୱାରା ସମ୍ପୂର୍ଣ୍ଣ ଭାବେ କ୍ଷତି ଘଟିଥାଏ । କିନ୍ତୁ ସକ୍ରିୟ ପିଲ ଦେବା ଅବସ୍ଥାପରେ ଯଦି ଏହି ରୋଗ ଆସେ ତେବେ ବହୁତ କମ୍ କ୍ଷତି ହୁଏ । ଧାନର ମଞ୍ଜି ଭଲଭାବରେ ବଢ଼ିପାରେ ନାହିଁ ଏବଂ ପରିପକ୍ୱ ହୁଏ ନାହିଁ । ଫଳରେ ଧାନର ଓଜନ କମିଯାଏ ଏବଂ ଧାନ ଭାଙ୍ଗିଯାଏ । ମଞ୍ଜିର ରାସାୟନିକ ଗଠନ ମଧ୍ୟ ପରିବର୍ତ୍ତିତ ହୁଏ । ଏହାର ଦ୍ରବଣୀୟ ଯବକ୍ଷାରଜାନ କମିଯାଏ ଏବଂ ଅବିଶୁଦ୍ଧ ପ୍ରୋଟିନ୍ ବଢ଼ିଯାଏ । ତେଣୁ ଧାନର ଅମଳ ବଢ଼ାଇବା ପାଇଁ ଏବଂ ସୁସ୍ଥ ମଞ୍ଜି ପାଇବା ପାଇଁ ଏହି ରୋଗର ନିୟନ୍ତ୍ରଣ ଏକାନ୍ତ ଆବଶ୍ୟକ ।

## ରୋଗର ଲକ୍ଷଣ :

ଏହା ତଳିକିଆରୀରେ ବା ରୋପଣର ଅଳ୍ପଦିନ ଭିତରେ ଝାଉଁଳା ରୋଗ ଏବଂ ପିଲ ଦେବା ସମୟରେ ପତ୍ରପୋଡ଼ା ରୋଗ ହିସାବରେ ଦେଖାଯାଏ । ଧାନଗଛର ପତ୍ର ଅଗରୁ ଶୁଖି ଧୀରେ ଧୀରେ ତଳକୁ ଢ଼େଉ ଆକାରରେ ବିସ୍ତାରିତ ହୁଏ ଏବଂ ତାହା ନଡା ରଙ୍ଗ ଧାରଣ କରେ । ଚିହ୍ନଟି ପ୍ରଧାନତଃ ପତ୍ରର ଦୁଇ ଧାରରେ ପରିଲକ୍ଷିତ ହୁଏ କିନ୍ତୁ କ୍ୱଚିତ୍ ଗୋଟିଏ ଧାରେ ଦେଖାଯାଏ । ଏହି ରୋଗଦ୍ୱାରା ସହଜରେ ପ୍ରଭାବିତ କିସମରେ ଚିହ୍ନଟି ପତ୍ରର ଅଗ୍ରଭାଗରୁ ଆରମ୍ଭ ହୋଇ ନିମ୍ନାଂଶ ପର୍ଯ୍ୟନ୍ତ ବ୍ୟାପିଯାଏ । ଆର୍ଦ୍ର ଜଳବାୟୁରେ ପ୍ରାତଃ କାଳରେ ସଂକ୍ରମିତ ପତ୍ରଉପରେ ବୀଜାଣୁ ଛୋଟଛୋଟ ବିନ୍ଦୁରେ ନିର୍ଗତ ହେବାର ପରିଲକ୍ଷିତ ହୁଏ ।



କ୍ରେସେକ୍ ଅବସ୍ଥା



ସକ୍ରିୟ ପିଲ ଅବସ୍ଥାରେ ପତ୍ରପୋଡ଼ା ରୋଗ

## ରୋଗର କାରଣ :

ଧାନରେ ପତ୍ରପୋଡା ରୋଗ ଜାନ୍ଥୋମୋନାସ୍ ଓରାଇଜ୍ ପି.ଭି.ଓରାଇଜ ନାମକ ଏକ ବୀଜାଣୁ ଦ୍ୱାରା ସୃଷ୍ଟି ହୋଇଥାଏ । ଏହି ଅଣୁଜୀବଟି ଖାଲିଆଖିରେ ଦେଖାଯାଏ ନାହିଁ । ଏହା ଇଲେକ୍ଟ୍ରନ୍ ମାଇକ୍ରୋସ୍କୋପରେ ସ୍ପଷ୍ଟ ଭାବରେ ଦେଖାଯାଏ । ଏହା ଏକ ରଡ ଆକାରର ନେଗେଟିଭ୍ ବୀଜାଣୁ ଅଟେ । ଏହାର ଏକ ପ୍ରାନ୍ତରେ ଚାବୁକ ଭଳି ଗୋଟିଏ ବା ଦୁଇଟି ଉପାଙ୍ଗ ଥାଏ । ଏହା ସାଧାରଣତଃ ଜଳ, ବାୟୁ ଏବଂ ମଞ୍ଜି ଦ୍ୱାରା ବ୍ୟାପିଥାଏ । ବୀଜାଣୁଟି ଗଛର କ୍ଷତ ଅଂଶ ବା ପତ୍ରଛିଦ୍ର ବାଟେ ଗଛ ଭିତରକୁ ପ୍ରବେଶ କରେ ଏବଂ ଅନୁକୂଳ ବାତାବରଣ ପାଇଲେ ତାହା ଗଛ ଭିତରେ ବଂଶବୃଦ୍ଧି କରେ । ଏହି ବୀଜାଣୁଟି ବହୁତ ଦ୍ରୁତଗତିରେ ବଂଶବୃଦ୍ଧି କରୁଥିବା ହେତୁ ଠିକ୍ ସମୟରେ ଯଦି ପ୍ରତିକାର ବ୍ୟବସ୍ଥା କରାନଯାଏ ତେବେ ଏହାର ରୋଗର ପ୍ରାର୍ଦୁଭାବ ଅତିଶୟ ହୁଏ ଏବଂ ପ୍ରବଳ କ୍ଷତି ଘଟିଥାଏ ।

## ରୋଗ ପାଇଁ ଅନୁକୂଳ ଅବସ୍ଥା :

- ଧାନ ଜମିରେ ଅଧିକ ପାଣି ରହିଲେ ଏବଂ ପାଣି ନିଷ୍କାସନ ନହେଲେ ।
- ପିଲସାରରେ ଅଧିକ ଯବକ୍ଷାରଜାନ ପ୍ରୟୋଗ କଲେ ।
- ତଳି ରୋଇବା ସମୟରେ ତଳିର ଅଗ ଛିଣ୍ଡାଇ ରୋଇଲେ ।
- ପୂର୍ବ ଫସଲର ମୂଳିଥିବା ଜମିରେ ଧାନ ରୋଇଲେ ।
- ଛାଇ ଥିବା ଜାଗାରେ ଧାନ ଫସଲ ଲଗାଇଲେ ।

## ଆର୍ଥିକ ପ୍ରଭାବ ସୀମା :

ଏକ ବର୍ଗମିଟରରେ ୨-୩ ବୁଦା ବା ୨-୩ ପତ୍ର ସଂକ୍ରମିତ ହେଲେ ଔଷଧ ସିଞ୍ଚନ ଏକାନ୍ତ ଆବଶ୍ୟକ ।

## ରୋଗ ନିୟନ୍ତ୍ରଣ :

- ସହନଶୀଳ କିସମ: ଅଜୟ, ରାମକ୍ରିଷ୍ଣ, ନବୀନ, ଲଲାଟ, ଗୌରୀ, ଆଇ.ଆର୍.୨୦, ଆଇ.ଆର୍.୨୨, ଆଇ.ଆର୍.୩୬, ପାରିଜାତ, ଶଙ୍କର, ରୁଦ୍ର, ସଫଳା, ମସୁରୀ, ରାଜେଶ୍ୱରୀ ଏବଂ ପ୍ରତୀକ୍ଷା ଇତ୍ୟାଦି ସହନଶୀଳ କିସମ ବ୍ୟବହାର କରନ୍ତୁ ।
- ବିହନ ବିଶୋଧନ : ୨ ଲିଟର ପାଣିରେ ୨ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ବା ୩୦୦ ମି.ଗ୍ରା. ଷ୍ଟ୍ରେପ୍ଟୋସାଇକ୍ଲିନ୍ ଏବଂ ୨ ଗ୍ରାମ୍ କ୍ୟାପଟାନ୍ ମିଶାଇ ସେଥିରେ ୧ କି.ଗ୍ରା. ବିହନକୁ ୮-୧୦ ଘଣ୍ଟା ଭିଜାଇ ରଖିଲାପରେ ତାକୁ ଛାଣି ଦେଇ ଛାଇରେ ଶୁଖାଇ ବୁଣନ୍ତୁ ବା ତଳିପକାନ୍ତୁ କିମ୍ବା ଗରମ ପାଣିରେ ୫୨°-୫୪° ସେଲ୍ ସିୟସ୍ ତାପମାତ୍ରାରେ ୩୦ ମିନିଟ୍ ପର୍ଯ୍ୟନ୍ତ ବିହନକୁ ରଖି ମଧ୍ୟ ବିଶୋଧନ କରାଯାଇପାରେ ।
- ରୋଗ ନଥିବା ଧାନ କ୍ଷେତରୁ ବିହନ ସଂଗ୍ରହ କରନ୍ତୁ ।
- ଗଭୀର ଖରାଟିଆ ଚାଷ କରି ପୂର୍ବରୁ ଥିବା ଧାନ ମୂଳି, ଅନାବନା ଘାସ ଆପେ ଆପେ ଉଠିଥିବା ଗଛ ଗୁଡ଼ିକୁ ସମ୍ପୂର୍ଣ୍ଣଭାବେ ନଷ୍ଟ କରି ଦିଅନ୍ତୁ ।
- ଜଳସେଚିତ ନାଳି ଏବଂ ନିକଟବର୍ତ୍ତୀ ଜଳାଶୟରୁ ବାଲୁଙ୍ଗା ଓ ଅନାବନା ଘାସକୁ ପରିଷ୍କାର କରିଦିଅନ୍ତୁ ।
- ଧାନ ରୋଇବା ବେଳେ ଅତିକମ୍‌ରେ ଗଛକୁ ଗଛ ୧୦ ସେ.ମି. ଏବଂ ଧାଡ଼ିକୁ ଧାଡ଼ି ୧୫ ସେ.ମି. ବ୍ୟବଧାନ ରଖନ୍ତୁ । ପ୍ରତି ବୁଦାରେ ଅତିବେଶୀରେ ୨-୩ ଟି ତଳି ପୋତନ୍ତୁ । ଘଞ୍ଚରୋପଣ ଏବଂ କମ୍ ବ୍ୟବଧାନ ରୋଗ ବୃଦ୍ଧିରେ ସାହାଯ୍ୟ କରେ ।
- ରୋଇବା ପୂର୍ବରୁ ତଳିର ଚେରକୁ ପ୍ଲାଣ୍ଟୋମାଇସିନ୍ ଦ୍ରବଣ( ୧ ଲିଟର ପାଣିରେ ୧ ଗ୍ରାମ) ରେ ୩୦ ମିନିଟ୍ ପାଇଁ ବୁଡାଇ ରଖନ୍ତୁ ।